## ଗୋ-ପୂଜନ, ରକ୍ଷାବନ୍ଧନ ଉତ୍ସବ ପାଳିତ

କାଶୀନଗର,(ଡି.ଏନ.ଏ.): ରକ୍ଷାବନ୍ଧନ ଅବସରରେ କାଶୀନଗର ସ୍ଥିତ ପଶୁ ଚିକିତ୍ସା କାର୍ଯ୍ୟାଳୟଠାରେ ରାଷ୍ଟ୍ରୀୟ ଗୋ-କଲ୍ୟାଣ ପରିଷଦ ତରଫରୁ ଗୋ-ମାତାଙ୍କୁ ରାଖି ବନ୍ଧନ ଓ ପୂଜାର୍ଚ୍ଚନା କରାଯାଇଥିଲା। ରାଷ୍ଟ୍ରୀୟ ଗୋ-କଲ୍ୟାଣ ବିକାଶ ପରିଷଦର ଗଜପତି ଜିଲା ସଭାପତି ହୃଷୀକେଶ ଗୌଡ଼ ଉକ୍ତ ପୂଜନ ପର୍ବରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ପଶୁ ଚିକିତ୍ସାଧିକାରୀ ଡା. ବାଣୀକଣ୍ଠ ଖଣ୍ଡୁଆ, ସମ୍ମାନିତ ଅତିଥି ଭାବେ ଡ଼. ଲିପିକା ଦାସ୍ ଯୋଗଦେଇ ଗୋ ଦିବସ ସମ୍ପର୍କରେ ସଚେତନ ଓ ଗୋପାଳନର ଉପକାରିତା ବିଷୟରେ ବୁଝାଇଥିଲେ। ୩ ଗୋପାଳକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବି.ନାଗେଶ୍ୱର ରାଓ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ସ୍କୁଟିରୁ ୪ ଲକ୍ଷ ଲୁଟ୍ ଘଟଣା, ଜଣେ ଅଟକ

**ବ୍ରହ୍ମପୁର ଅଫିସ,୨୨।୮:** ବଡ଼ବଜାର ଥାନା ଅନ୍ତର୍ଗତ ଆସିକା ରୋଡ଼ ଆକ୍ସିସ ବ୍ୟାଙ୍କ ନିକଟରୁ ଗତ ୨୦ ତାରିଖରେ ଏକ ସ୍କୁଟି ଡିକି ଭାଙ୍ଗି ୪ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ପୋଲିସ ଜଣକୁ ଅଟକ ରଖିଛି। ଅଟକ ଜଣକ ଲୁଟ୍‌ର ଶିକାର ହୋଇଥିବା ବ୍ୟକ୍ତିଙ୍କ ସମ୍ପର୍କୀୟ ବୋଲି ଜଣାପଡ଼ିଛି। ଘଟଣାଦିନ ସେ ନକଲି ଚାବି ସହାୟତାରେ ସ୍କୁଟି ଡିକି ଖୋଲି ଟଙ୍କା ଲୁଟ୍ କରିଥିବା ପୋଲିସ ତଦନ୍ତରେ ଜଣାପଡ଼ିଛି। ଧାନମେରା ସାହିର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ବାବୁରାଓ ଘଡ଼େଇ ଗତ ୨୦ ତାରିଖରେ ତାଙ୍କ ଶାଳକଙ୍କ ସହିତ ସ୍କୁଟିଯୋଗେ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାକୁ ଯାଇଥିଲେ। ସେଠାରୁ ୪ ଲକ୍ଷ ଟଙ୍କା ଉଠାଇ ସ୍କୁଟି ଡିକିରେ ରଖିଥିଲେ। ସେଠାରୁ ଫେରିବା ବେଳେ ଭିଣୋଇ-ଶାଳକ ଆସିକା ରୋଡ଼ ଆକ୍ସିସ ବ୍ୟାଙ୍କ ନିକଟରେ ଥିବା ଏକ ଦୋକାନକୁ ଯାଇଥିଲେ। ସ୍କୁଟି ରାସ୍ତା କଡ଼ରେ ପାର୍କିଂ କରାଯାଇଥିଲା। ଦୋକାନରୁ ଫେରିବା ପରେ ସ୍କୁଟି ଡିକିରୁ ଟଙ୍କା ଗାଏବ ଥିବା ଜଣାପଡ଼ିଥିଲା।

### ଆକ୍ରମଣରେ ବୃଦ୍ଧ ମୃତ ଘଟଣା, ଯୁବକ ଗିରଫ

**ପୋଲସରା,୨୨।୮(ଡି.ଏନ୍.ଏ.):** ପୋଲସରା ଥାନା ବଡପଙ୍କଲବାଡି ପଞ୍ଚାୟତ ଖଦାଳ ନୂଆଁପଲିରେ ଶନିବାର ପଡ଼ୋଶୀଙ୍କ କାଠ ଫାଳିଆ ମାଡ଼ରେ କେ.ବଣରାମଚନ୍ଦ୍ରପୁର ଗ୍ରାମର ଭଗବତ ନାୟକ (୫୫)ଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ରବିବାର ପୋଲିସ ଅଭିଯୁକ୍ତ ଯୁବକ ଚନ୍ଦନ ନାହାକଙ୍କୁ ଗିରଫ କରିବା ସହ ଆକ୍ରମଣରେ ବ୍ୟବହୃତ କାଠ ଫାଳିଆକୁ ମଧ ଜବତ କରିଛି। ଶନିବାର କୌଣସି କଥାକୁ ନେଇ ଭଗବତ ଓ ପଡ଼ୋଶୀ ଚନ୍ଦନଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ରାଗିଯାଇ ଚନ୍ଦନ ଏକ କାଠ ଫାଳିଆରେ ଭଗବତଙ୍କୁ ଆକ୍ରମଣ କରିଥିଲେ। ପରିବାର ଲୋକେ ଭଗବତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପୋଲସରା ମେଡିକାଲରେ ଭର୍ତ୍ତି କରିଥିଲେ ମଧ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲସରା ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ରବିବାର ମୃତକଙ୍କ ସ୍ତ୍ରୀଙ୍କ ଅଭିଯୋଗକୁ ଭିତ୍ତି କରି ପୋଲସରା ପୋଲିସ ନଂ.୨୯୩/୨୧ରେ ମାମଲା ରୁଜୁ କରି ଚନ୍ଦନଙ୍କୁ ଧରିଥିଲା।

### ସାପ କାମୁଡ଼ାରେ ଶିଶୁ ମୃତ

**ଆସିକା,୨୨।୮(ଡି.ଏନ.ଏ):** ଆସିକା ଥାନା ଚିନିଶିଳ୍ପ ନୂଆଗାଁଠାରେ ଶନିବାର ମଧରାତିରେ ଏକ ସାପ କାମୁଡ଼ାରେ ଜଣେ ୧୧ ମାସର ଶିଶୁ ପୁତ୍ରଙ୍କ ମୃତ୍ୟୁ ଘଟିଛି। ଶିଶୁ ପୁତ୍ରଟି ତାଙ୍କ ମା'ଙ୍କ ସହ ଅଜା ଘରକୁ ଆସିଥିଲେ। ରାତି ସାଢେ ୧୨ଟାରେ ଶୋଇବା ଶେଯରେ ତାଙ୍କୁ ଗୋଟିଏ ସାପ କାମୁଡ଼ି ଦେଇଥିଲା। ତାଙ୍କୁ ଚିକିତ୍ସା ଲାଗି ପରିବାର ଲୋକେ ଆସିକା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଶିଶୁର ବାପା ରଞ୍ଜନ କୁମାର ସ୍ୱାଇଁ ଆସିକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୪/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

### ଏଟିଏମ୍‌ରୁ ଚୋରି ଉଦ୍ୟମ

**ଫୁଲବାଣୀ ଅଫିସ, ୨୨।୮:** ଫୁଲବାଣୀ ସହର ପଲିଟେକ୍‌ନିକ କଲେଜ ନିକଟସ୍ଥ ଷ୍ଟେଟ ବ୍ୟାଙ୍କର ଏକ ଏଟିଏମ୍‌ରୁ ଶନିବାର ରାତିରେ ଦୁର୍ବୃତ୍ତମାନେ ଟଙ୍କା ଚୋରି ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଷ୍ଟେଟ ବ୍ୟାଙ୍କ ପରିଚାଳକଙ୍କ ଏତଲା କ୍ରମେ ଟାଉନ ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛି। ଶନିବାର ରାତିରେ କେହି ଦୁର୍ବୃତ୍ତ ଏକ ଶାବଳରେ ଏଟିଏମ୍ ମେଶିନର ଗୋଟିଏ ପାର୍ଶ୍ୱକୁ ତାଡ଼ିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ସାଇରନ ବାଜିବାରୁ ସେମାନେ ପଳାଇଥିଲେ। ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ ସୁଶାନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି।

### ବୁଲିବାକୁ ଆସି ଛାତ୍ର ନିଖୋଜ

**ଫୁଲବାଣୀ ଅଫିସ,୨୨।୮:** ସମ୍ପର୍କୀୟଙ୍କ ସହ ବାଲିଗୁଡ଼ାରୁ ଫୁଲବାଣୀ ଆସି ଜଣେ ନାବାଳକ ନିଖୋଜ ହୋଇଯାଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି। ନିଖୋଜ ନାବାଳକ ହେଲେ ବାଲିଗୁଡ଼ା ଥାନା ମାଣିଗୁଟି ଗ୍ରାମର କାର୍ତ୍ତିକ ପ୍ରଧାନଙ୍କ ପୁଅ ଲଳିତ(୧୪)। ଗତ ୨୦ରେ ଲଳିତ ସମ୍ପର୍କୀୟ ଦାଦା ଅଜିତ ସାହୁଙ୍କ ସହ ମିଶି ଫୁଲବାଣୀ ସ୍ଥିତ ନଦୀଖଣ୍ଡି ସାହି ଆସିଥିଲେ। ଅଜିତଙ୍କ ଶ୍ୱଶୁର ଘର ହେଉଛି ନଦୀଖଣ୍ଡି ସାହି। ୨୧ରେ ଅଜିତ ତାଙ୍କ ସ୍ତ୍ରୀ ଏବଂ ଲଳିତ ମିଶି ନିଜ ଗ୍ରାମକୁ ଫେରିବାର କାର୍ଯ୍ୟକ୍ରମ ଥିଲା। ହେଲେ ଶନିବାର ସକାଳ ୯ଟାରେ ଲଳିତ କେଉଁଆଡ଼େ ପଳାଇଥିଲେ। କାର୍ତ୍ତିକ ଏ ନେଇ ଥାନାରେ ଏତଲା ଦେଇଥିଲେ।

# ହାଇସ୍କୁଲରେ ପଢ଼ାଉଛନ୍ତି ପ୍ରାଥମିକ ଶିକ୍ଷକ

**ଭଞ୍ଜନଗର ବ୍ଲକରେ ୩ ସ୍ମାର୍ଟ ସ୍କୁଲ**

ଭଞ୍ଜନଗର,୨୨।୮(ଡି.ଏନ.ଏ)


ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ।

ଭଞ୍ଜନଗର ବ୍ଲକର ବଡ଼କୋଦଣ୍ଡା ଜବହାର ହାଇସ୍କୁଲ, ଗାଲେରି ହାଇସ୍କୁଲ ଏବଂ ଭଞ୍ଜନଗର ଆଦର୍ଶ ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲରେ ପରିଣତ କରାଯିବ। ସ୍ମାର୍ଟ ସ୍କୁଲ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ମୋ ସ୍କୁଲ ଅଭିଯାନରେ ୪୫ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଉଛି । ଭଞ୍ଜନଗର ବ୍ଲକର ଉପରୋକ୍ତ ୩ ହାଇସ୍କୁଲକୁ ୪୫ ଲକ୍ଷ ଲେଖାଏ ମିଳିଛି । ଏଥିସହ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଉଦ୍ୟମକ୍ରମେ ଭଞ୍ଜନଗର ବ୍ଲକରୁ ରାଜ୍ୟ ଅର୍ଥ ଆୟୋଗ ଅନୁଦାନରୁ ବଡ଼କୋଦଣ୍ଡା ଏବଂ ଗାଲେରି ହାଇସ୍କୁଲକୁ ଅତିରିକ୍ତ ୧୫ ଲକ୍ଷ ଲେଖାଏ ପ୍ରଦାନ କରାଯାଇଛି । ଉକ୍ତ ୩ ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ ପାଇଁ ଏପରି ମୋଟ ୧ କୋଟି ୬୫ ଲକ୍ଷ ଟଙ୍କା ବ୍ୟୟ ହେବ। ଆବଶ୍ୟକ ପଡ଼ିଲେ ବିଦ୍ୟାଳୟ ଗୁଡ଼ିକର ଅନ୍ୟାନ୍ୟ ଉନ୍ନତୀକରଣ ପାଇଁ ମଧ୍ୟ ଅଧିକ ଅନୁଦାନ ମିଳିବା ସମ୍ଭାବନା ରହିଛି। ସ୍ମାର୍ଟ ସ୍କୁଲରେ ୨ଟି ସ୍ୱତନ୍ତ୍ର ଶ୍ରେଣୀ ଗୃହ, ଇ ଲାଇବ୍ରେରୀ, ଅତ୍ୟାଧୁନିକ ପାଇଖାନା, ଖେଳ ପଡ଼ିଆ ବ୍ୟବସ୍ଥା ହେବ। ଏଥିପାଇଁ ଦ୍ରୁତ ଗତିରେ କାର୍ଯ୍ୟ ଚାଲିଛି। ପର୍ଯ୍ୟାୟକ୍ରମେ ଅନ୍ୟ ହାଇସ୍କୁଲଗୁଡ଼ିକୁ ମଧ୍ୟ ସ୍ମାର୍ଟ ସ୍କୁଲରେ ପରିଣତ କରାଯିବା ଯୋଜନା ଅଛି । ତେବେ ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ ଲାଗି ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ବେଳେ ଖାଲିଥିବା ପଦବୀ ପୂରଣ ଦିଗରେ ସେଭଳି ଗୁରୁତ୍ୱ ଦେଉନାହାନ୍ତି। ଭଞ୍ଜନଗର ବ୍ଲକରେ ଥିବା ୨୭ଟି ହାଇସ୍କୁଲରେ ଆବଶ୍ୟକଠାରୁ ବହୁତ କମ୍ ଶିକ୍ଷକ, ଅଣଶିକ୍ଷକ ଅଛନ୍ତି। ବ୍ଲକର ସର୍ବ ପୁରାତନ ଉପେନ୍ଦ୍ର ଭଞ୍ଜ ହାଇସ୍କୁଲରେ ବର୍ତ୍ତମାନ ମାତ୍ର ୮ଜଣ ଶିକ୍ଷକ ଅଛନ୍ତି। ଉକ୍ତ ବିଦ୍ୟାଳୟଟି ୧୮୮୪ ମସିହାରେ ସ୍ଥାପିତ ହୋଇଥିଲା। ହାଇସ୍କୁଲ ଗୁଡ଼ିକରେ ସର୍ବନିମ୍ନ ୧୨ଜଣ ଶିକ୍ଷକ ରହିବା ବ୍ୟବସ୍ଥା ଅଛି। ଶିକ୍ଷକ ଅଭାବ ଯୋଗୁ ଶିକ୍ଷାଦାନରେ ସମସ୍ୟା ଦେଖାଦେଉଛି। କିଛିଦିନ ହେଲା ଖାଲିଥିବା ପଦବୀ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଏଭଳି ସ୍ଥିତିରେ ହାଇସ୍କୁଲଗୁଡ଼ିକରେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ ଡେପୁଟେସନରେ ଯାଇ ଶିକ୍ଷାଦାନ କରୁଛନ୍ତି। ଯେଉଁ ଶିକ୍ଷକ ବିଏଡ୍ କରିଥିବେ ସେମାନଙ୍କୁ ପ୍ରାଥମିକ ବିଦ୍ୟାଳୟରୁ ହାଇସ୍କୁଲକୁ ଡେପୁଟେସନରେ ନିଆଯାଇଛି। ଖାଲିଥିବା ପଦବୀ ପୂରଣ ପରେ ସେମାନେ ନିଜ ବିଦ୍ୟାଳୟକୁ ଫେରିବେ। କରୋନାର ସମ୍ଭାବ୍ୟ ତୃତୀୟ ଲହର ନ ଆସିଲେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ଖୋଲିଯିବ। ଏହାପୂର୍ବରୁ ଖାଲିଥିବା ପଦବୀ ପୂରଣ କରାନ ଗଲେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ମଧ୍ୟ ଶିକ୍ଷାଦାନରେ ସମସ୍ୟା ହେବ। ଏଥିପ୍ରତି ସରକାର ଦୃଷ୍ଟି ଦେଇ ଖାଲିଥିବା ଶିକ୍ଷକ ପଦବୀ ପୂରଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବାର ଆବଶ୍ୟକ ହୋଇପଡ଼ିଛି ।

## ଦ୍ୱିତୀୟ ପର୍ଯ୍ୟାୟ ସ୍ମାର୍ଟ ସ୍କୁଲ ଉଦ୍‌ଘାଟନ ଆଜି

**ଅନୁଧ୍ୟାନ କଲେ ଜିଲାପାଳ, ପିଡି**


ଜିଲାପାଳ ଓ ପିଡି ମା'କାଳୀ ଉଚ୍ଚବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

ଶେରଗଡ଼,୨୨।୮(ଡି.ଏନ.ଏ.)

ଶେରଗଡ଼ ଓ ହିଞ୍ଜିଳିକାଟୁରେ ରୂପାନ୍ତରୀକରଣ ହୋଇଥିବା ହାଇସ୍କୁଲ ମଧ୍ୟରୁ ଶନିବାର ମୁଖ୍ୟମନ୍ତ୍ରୀ ୧୦ ସ୍ମାର୍ଟ ସ୍କୁଲ ଭିଡିଓ କନ୍‌ଫରେନ୍ସିଂରେ ଉଦ୍‌ଘାଟନ କରିଥିବା ବେଳେ ସୋମବାର ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧୦ ସ୍ମାର୍ଟ ସ୍କୁଲ ଉଦ୍‌ଘାଟନ କରିବେ। ଏହା ପୂର୍ବରୁ ରବିବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ ଓ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧେ ଦତ୍ତାତ୍ରେୟ ଭାଉ ସାହେବ ଶେରଗଡ଼ର ଉକ୍ତ ବିଦ୍ୟାଳୟକୁଗସ୍ତକରିସ୍ଥିତିଅନୁଧ୍ୟାନକରିଛନ୍ତି। ବିଦ୍ୟାଳୟର ସ୍ମାର୍ଟ ଶ୍ରେଣୀ, ଇ-ଲାଇବ୍ରେରୀ, ଲାବରେଟୋରୀ, ଶୌଚାଳୟ, ପାନୀୟ ଜଳ କ୍ଷେତ୍ର ଠିକ୍ ଅଛି କି ନାହିଁ ବୁଲି ଦେଖିବା ସହ ସୋମବାର ପାଇଁ ସଜାଗ ରହିବାକୁ ପ୍ରଧାନ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିଦର୍ଶନରେ ବିଡିଓ ଶତ୍ରୁଘ୍ନ ନନ୍ଦି, ତହସିଲଦାର ଡ.ଦୟାସିନ୍ଧୁ ପରିଡ଼ା, ଜିଲାଗ୍ରାମ୍ୟ ଉନ୍ନୟନ ସଂସ୍ଥାର ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର ଲାଞ୍ଜିଆପଲ୍ଲୀରେ ମକରା ସ୍ୱାଇଁ, ତାକରଡ଼ାରେ ସମୀର ପ୍ରଧାନ, କୁମାରପାଣିରେ ଉଦୟନାଥ ପ୍ରଧାନ, କରଡ଼ାକଣାରେ ଗୁନା ଚୌଧୁରୀ, କୁଲାଗଡ଼ରେ କାମେଶ୍ୱର ଗୌଡଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବାପା ଧାର ଟଙ୍କା ନ ଦେବାରୁ ପୁଅଙ୍କୁ ଅପହରଣ

**■ ୫ ଘଣ୍ଟା ପରେ ଉଦ୍ଧାର କଲା ପୋଲିସ**
**■ ୩ ଅପହରଣକାରୀ ଅଟକ**

ବୁଗୁଡ଼ା,୨୨।୮(ଡି.ଏନ.ଏ.)

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଅନ୍ତରପଡା ଗ୍ରାମରେ ଧାର ଟଙ୍କାକୁ କେନ୍ଦ୍ରକରି ଶନିବାର ଜଣେ ନାବାଳକଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାର ୫ ଘଣ୍ଟା ପରେ ପୋଲିସ ନାବାଳକଙ୍କୁ ଉଦ୍ଧାର କରିବା ସହ ଅପହରଣରେ ସମ୍ପୃକ୍ତ ଥିବା ୩ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅପହରଣକାରୀଙ୍କ ଦୁଇଟି ବାଇକ୍ ଜବତ ହୋଇଛି। ଏ ନେଇ ସ୍ଥାନୀୟ ପୋଲିସ ନଂ. ୪୧୬/୨୧ରେ ମାମଲା ରୁଜୁ କରିଛି। ଭୁବନେଶ୍ୱରରେ ଦାଦନ ଖଟୁଥିବା ସନ୍ତୋଷ ଆପଟଙ୍କ ସ୍ତ୍ରୀ ରୁନୁଲତା ୩ ମାସ ପୂର୍ବେ ଆସ୍କାର ସୁନା ବ୍ୟବସାୟୀ ନିରାକାର ଆଚାରୀଙ୍କଠାରୁ ୯୦ ହଜାର ଟଙ୍କା ଧାର ନେଇଥିଲେ। ୫ ବର୍ଷ ଭିତରେ ଟଙ୍କା ଶୁଝିବେ ବୋଲି କଥା ଛିଣ୍ଡିଥିଲା। କିନ୍ତୁ ୩ ମାସ ନ ଯାଉଣୁ ନିରାକାର ରୁନୁଙ୍କୁ ଟଙ୍କା ମାଗିବାରୁ ଏତେ ଶୀଘ୍ର ଟଙ୍କା ଦେଇ ପାରିବେନି ବୋଲି ରୁନୁ କରିଥିଲେ। ହେଲେ ନିରାକାର ବାରମ୍ବାର ଫୋନ୍ କରି ରୁନୁଙ୍କୁ ଟଙ୍କା ମାଗୁଥିଲେ। ଶନିବାର ମଧ୍ୟାହ୍ନରେ ୨ ବାଇକରେ ୩ ଜଣ ଅନ୍ତରପଡ଼ା ଗାଁରେ ପହଞ୍ଚି ଥିଲେ। ସନ୍ତୋଷ ଓ ରୁନୁ ଭୁବନେଶ୍ୱରରେ ରହୁଥିବା ବେଳେ ତାଙ୍କ ପୁଅ ୧୫ ଦିନ ତଳେ ଗ୍ରାମକୁ ଆସି ଜେଜେବାପାଙ୍କ ପାଖରେ ରହୁଥିବା ଜାଣି ଘରେ ପଶି ଛୁରୀ ମୁନରେ ସନ୍ତୋଷଙ୍କ ପୁଅଙ୍କୁ ଉଠାଇ ନେଇଥିଲେ। ନାବାଳକ ପାଟି କରିବାରୁ ଗ୍ରାମର ୫ ଜଣ ଯୁବକ ୨ ବାଇକରେ ସେମାନଙ୍କୁ ପିଛା କରିଥିଲେ ମଧ ପାଇ ନଥିଲେ। ପରେ ଏ ନେଇ ସେମାନେ ବାଲିପଦର ଫାଣ୍ଡିରେ ଏତଲା ଦେଇଥିଲେ। ଫାଣ୍ଡି ପୋଲିସ ସଦଳବଳ ଆସ୍କା ପହଞ୍ଚି ନିରାକାରଙ୍କ ଘରୁ ତାଙ୍କ ସ୍ତ୍ରୀ ଓ ପୁଅକୁ ଆସ୍କା ଥାନାକୁ ଆଣିଥିଲା। ଏଥିସହ ଆସ୍କା ହୋଣ୍ଡା ସୋ ରୁମରୁ ମଧ ଜଣକୁ ଉଠାଇ ଆଣି ପଚରାଉଚରା କରିଥିଲା। ଏ ଭିତରେ ନିରାକାର ରୁନୁଙ୍କୁ ଟଙ୍କା ଦେବାକୁ ଫୋନ ଯୋଗେ ବାରମ୍ବାର ଧମକ ଦେଉଥିଲେ। ପୋଲିସ ନିରାକାର ସହ ଯୋଗାଯୋଗ କରି ଟଙ୍କା ଦିଆଯିବ କହି ଥାନାକୁ ଡାକିଥିଲା। ନିରାକାର ପହଞ୍ଚିବା ପରେ ତାଙ୍କ ସୂଚନା ଅନୁସାରେ ଝଗଡେଇ ପାହାଡ଼ ଉପରେ ଥିବା ତ୍ରିନାଥ ମନ୍ଦିରରୁ ଅପରାହ୍ନରେ ନାବାଳକଙ୍କୁ ପୋଲିସ ଉଦ୍ଧାର କରିଥିଲା। ଏଥିସହ ନାବାଳକଙ୍କୁ ଜଗି ରହିଥିବା ଯୁବକଙ୍କୁ ମଧ ଧରିଥିଲା।

## କଇଠଡାରେ ଦୁଇ ଗୋଷ୍ଠୀ ମୁହାଁମୁହିଁ

ଦିଗପହଣ୍ଡି,୨୨।୮(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ କଇଠଡ଼ା ଗାଁର ଏସ. ଭାସ୍କର ରେଡ୍ଡୀଙ୍କୁ ତାଙ୍କ ପ୍ରତିପକ୍ଷ ଗୋଷ୍ଠୀର ଲୋକେ ସଂଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏପରିକି ଜଣେ ଶିକ୍ଷୟିତ୍ରୀ ବିଦ୍ୟାଳୟରୁ ଫେରୁଥିବା ବେଳେ ତାଙ୍କୁ ମଧ ଗାଁ ରାସ୍ତାରେ କେତେଜଣ ବ୍ୟକ୍ତି ଅସଦାଚରଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଉଭୟ ମାମଲାର ଅଭିଯୁକ୍ତମାନଙ୍କ ନାଁରେ ମାମଲା ରୁଜୁ କରାଯାଇଥିବା ଚିକିଟି ଏସଡିପିଓ କୃଷ୍ଣଚନ୍ଦ୍ର ଭତ୍ରା ରବିବାର ସନ୍ଧ୍ୟାରେ କହିଛନ୍ତି। ଅପରପକ୍ଷରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ ନ କରି ପକ୍ଷପାତିତା କରୁଥିବା ନେଇ ଆକ୍ରମଣର ଶିକାର ହୋଇଥିବା ଗୋଷ୍ଠୀ ପକ୍ଷରୁ ଅଭିଯୋଗ କରାଯାଇଛି। ରାଜନୈତିକ ଚାପରେ ପୋଲିସ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ସମର୍ଥକଙ୍କୁ ସହାୟତା କରୁଥିବା ବେଳେ ଅପର ଗୋଷ୍ଠୀକୁ ବାରମ୍ବାର ଥାନାକୁ ଡକାଇ ହଇରାଣ ହରକତ କରୁଥିବା ନେଇ ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଦିଗପହଣ୍ଡି ଥାନା ପକ୍ଷରୁ ଗାଁ ରେ ଶାନ୍ତି କମିଟି ଗଠନ ପାଇଁ ଉଦ୍ୟମ ଫେଲ୍ ମାରିଛି। ପକ୍ଷପାତିତା ଅଭିଯୋଗକୁ ଆଇଆଇସି ବସନ୍ତ କୁମାର ସେଠୀ ଅସ୍ୱୀକାର କରିବା ସହ ଗଣ୍ଡଗୋଳ ଆଶଙ୍କାରେ ଗାଁରେ ପୋଲିସ ମୁତୟନ କରାଯାଇଛି। ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ସେ କହିଛନ୍ତି।

## ସିଦ୍ଧାର୍ଥ ନଗର ଉନ୍ନୟନ ସଂଘ ପକ୍ଷରୁ ଗହ୍ମାଡ଼ିଆଁ


ଜଣେ ଯୁବକ ଗହ୍ମା ଡ଼େଉଁଛନ୍ତି।

ବ୍ରହ୍ମପୁର ଅଫିସ,୨୨।୯

ବ୍ରହ୍ମପୁର ଗୋଲାପଲ୍ଲୀ ସାହି ସିଦ୍ଧାର୍ଥ ନଗର ଉନ୍ନୟନ ସଂଘ ପକ୍ଷରୁ ରବିବାର ଗହ୍ମା ପୂର୍ଣ୍ଣିମା ଅବସରରେ ପାରମ୍ପରିକ ଗହ୍ମାଡ଼ିଆଁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଦ୍ଧାର୍ଥ ନଗର ଉନ୍ନୟନ ସଂଘ ସଭାପତି ସୁରଥ ନନ୍ଦ ସଭାପତିତ୍ୱ କରିଥିଲେ। ଗହ୍ମାଡ଼ିଆଁରେ ସ୍ଥାନୀୟ ଅଞ୍ଚଳର ବହୁ ଯୁବକ ଭାଗ ନେଇ ପୁରସ୍କାର ପାଇଥିଲେ। ଆଧୁନିକତାର ଛାପରେ ବହୁ ପୁରାତନ ପରମ୍ପରା ଲୋପ ପାଇବାରେ ଲାଗିଛି। ଗହ୍ମାଡ଼ିଆଁ ବି ଲୋକପ୍ରିୟତା ହରାଇବସିଛି। ପୁରୁଣା ପରମ୍ପରା ବଞ୍ଚାଇ ରଖିବା ନିମନ୍ତେ ପ୍ରୟାସ କରାଯାଉଥିବା ସିଦ୍ଧାର୍ଥ ନଗର ଉନ୍ନୟନ ସଂଘ ସମ୍ପାଦକ ଚିନ୍ତାମଣି ନାୟକ କହିଛନ୍ତି। କାର୍ଯ୍ୟକ୍ରମରେ ଶ୍ରୀକାନ୍ତ ଘଡ଼େଇ, ଫାଲଗୁନି ମାଝୀ, ଗୁଟାଲ ବେହେରା, ସୋମ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଜି ପାଳନ ହେବନି ସ୍ୱାମିଜୀଙ୍କ ଶ୍ରାଦ୍ଧ ବାର୍ଷିକୀ

**ଫୁଲବାଣୀ ଅଫିସ/ଚକାପାଦ,୨୨।୮:** କନ୍ଧମାଳ ଜିଲା ତୁମୁଡିବନ୍ଧସ୍ଥିତ ଜଲେଶପଟା ଆଶ୍ରମରେ ୨୦୦୮ ଅଗଷ୍ଟ ୨୩ରେ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ହତ୍ୟା କରାଯାଇଥିଲା। ସେହିଦିନ ଜନ୍ମାଷ୍ଟମୀ ପଡିଥିଲା। ଚଳିତବର୍ଷ ଜନ୍ମାଷ୍ଟମୀ ୩୦ରେ ପଡୁଥିବାରୁ ୨୩ ତାରିଖ ସୋମବାର ଚକାପାଦ ଆଶ୍ରମରେ ସେଭଳି କିଛି କାର୍ଯ୍ୟକ୍ରମ କରାଯିବ ନାହିଁ । ସ୍ୱାମିଜୀଙ୍କ ଶ୍ରାଦ୍ଧ ଦିବସ ଜନ୍ମାଷ୍ଟମୀ ଦିନ ପାଳନ ହେବ ବୋଲି ଆଶ୍ରମ ଦାୟିତ୍ୱରେ ଥିବା ସ୍ୱାମୀ କୃଷ୍ଣାନନ୍ଦ ସରସ୍ୱତୀ କହିଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରକ୍ଷାବନ୍ଧନ ଉତ୍ସବ

ବ୍ରହ୍ମପୁର ଅଫିସ,୨୨।୮


ଗଛରେ ରାକ୍ଷୀ ବନ୍ଧା ଯାଇଛି।

ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାମନ୍ଦିରର ଅଧକ୍ଷ ଏସ୍.ମୋହନ ରାଓ ରାକ୍ଷୀ ସନ୍ଦେଶ ପାଠ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଏମ୍‌କେସିଜି ମହାବିଦ୍ୟାଳୟର ସହ ପ୍ରାଧ୍ୟାପକ ଡ.ନିହାର ରଞ୍ଜନ ସାହୁ ମୁଖ୍ୟଅତିଥି, ବିଦ୍ୟାମନ୍ଦିରର ସଂସ୍କୃତ ଆଚାର୍ଯ୍ୟା ଶୁଭସ୍ମିତା ଦେବୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନୀତା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି, ପରିଚାଳନା ସମିତିର ସଭାପତି ଶ୍ରୀକାନ୍ତ ମହାପାତ୍ର, ସଂପାଦକ ନାରାୟଣ ପଣ୍ଡା, ଉପସଭାପତି ଡ.ହରେକୃଷ୍ଣ ନାୟକ, ଯୁଗ୍ମ ସଂପାଦିକା ମମତା ପାଣିଗ୍ରାହୀ, ଉପଦେଷ୍ଟା ନରସିଂହ ଚୌଧୁରୀ ଓ ନୀଳକଣ୍ଠ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାମନ୍ଦିର ପକ୍ଷରୁ ବୃକ୍ଷକୁ ପୂଜା କରି ରକ୍ଷାସୂତ୍ର ବନ୍ଧନ ପୂର୍ବକ ପ୍ରକୃତିର ସୁରକ୍ଷା ନିମନ୍ତେ ଶପଥ ନିଆଯାଇଥିଲା।

## ବ୍ରହ୍ମପୁର-ବାଲିଗୁଡ଼ା ଗଡ଼ିବ ସରକାରୀ ଗାଡ଼ି

ସୋରଡା,୨୨।୮(ଡି.ଏନ୍.ଏ.)

ବ୍ରହ୍ମପୁରଠାରୁ କନ୍ଧମାଳ ଜିଲାର ବାଲିଗୁଡ଼ାକୁ ସୋମବାରଠାରୁ ଗଡ଼ିବ ସରକାରୀ ଗାଡ଼ି। ବ୍ରହ୍ମପୁରରୁ ଭୋରରୁ ବାହାରି ଆସ୍କା, ସୋରଡ଼ା, ଦାରିଙ୍ଗବାଡି ଦେଇ ମଧ୍ୟାହ୍ନରେ ବାଲିଗୁଡାରେ ପହଞ୍ଚିବ। ପୁଣି ସେଠାରୁ ଉପରୋକ୍ତ ରାସ୍ତା ଦେଇ ଅପରାହ୍ନରେ ବ୍ରହ୍ମପୁର ଫେରିବ। ଫଳରେ ଉଭୟ ଗଞ୍ଜାମ, କନ୍ଧମାଳ ଜିଲାବାସୀଙ୍କୁ ସୁବିଧା ମିଳିବା ସହ ୧୦୦ ଉର୍ଦ୍ଧ୍ୱ ଗ୍ରାମବାସୀ ସେବା ପାଇବେ ବୋଲି ଜଣାପଡିଛି।

## ଯବାନଙ୍କ ହାତରେ ରାଖୀ ବାନ୍ଧିଲେ ଛାତ୍ରୀ


ଛାତ୍ରୀମାନେ ଯବାନଙ୍କ ହାତରେ ରାଖି ବାନ୍ଧୁଛନ୍ତି।

ଫୁଲବାଣୀ ଅଫିସ, ୨୨।୮

ଘର ଦ୍ୱାର ଛାଡ଼ି ଦେଶର ସେବା କରୁଥିବା ଯବାନମାନେ ପର୍ବପର୍ବାଣି ପାଳନ କରିବାକୁ ସମୟ ପାଇ ନ ଥାନ୍ତି। ଏଥିପାଇଁ ରବିବାର ଯବାନମାନଙ୍କୁ ରାଖୀ ବାନ୍ଧିବା ପାଇଁ ଖଜୁରିପଡା ବ୍ଲକ ସୁଦ୍ରେଜୁଠାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ତରଫରୁ ସ୍ୱତନ୍ତ୍ର ଆୟୋଜନ କରାଯାଇଥିଲା। ସୁଡୁରୁକୁମ୍ପାରେ ରହୁଥିବା ଆଇଆରବି ଯବାନମାନଙ୍କ ହାତରେ ଛାତ୍ରୀମାନେ ରାଖୀ ବାନ୍ଧିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧାପକ ଦୁଷନ୍ତ ମାଝୀ ଯୋଗଦେଇ ଯବାନଙ୍କ ଦେଶ ପ୍ରତି ଥିବା ସମର୍ପଣ ଓ ବଳିଦାନ ଉପରେ କହିବା ସହ ଯବାନମାନେ ଆମ ସମସ୍ତଙ୍କ ଭାଇ ବୋଲି ସମ୍ବୋଧନ କରିଥିଲେ । କାର୍ଯ୍ୟକ୍ରମକୁ ମନୋଜ କୁମାର ପଟ୍ଟନାୟକ ପରିଚାଳନା କରିଥିବା ବେଳେ ପ୍ରଧାନଶିକ୍ଷକ ପ୍ରଭାକର ତ୍ରିପାଠୀ, ସହକାରୀ ଶିକ୍ଷକ ବିକ୍ରମ କେଶରୀ ରଣା, ଚାନ୍ଦ କୁମାରୀ ପ୍ରଧାନ, ସସ୍ମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ବାଣିଜ୍ୟ ଉନ୍ନତି ପାଇଁ ପ୍ରଶିକ୍ଷଣ

ପାରଳାଖେମୁଣ୍ଡି,୨୨।୮(ଡି.ଏନ୍.ଏ.)

କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଓ ଇଣ୍ଟରନ୍ୟାଶନାଲ ଲେବର୍ ଅର୍ଗାନାଇଜେଶନ, ଷ୍ଟାର୍ଟ ଆଣ୍ଡ ଇଣ୍ଟର ୟୁର ବିଜନେସ ଓ ୟୁନିଟେଡ ନେଶନ ଭଲ୍ୟୁଣ୍ଟରର ମିଳିତ ଆନୁକୂଲ୍ୟରେ ନେହେରୁ ଯୁବକେନ୍ଦ୍ର ଗଜପତି ଦ୍ୱାରା ଜିଲାସ୍ତରୀୟ ବାଣିଜ୍ୟର ପ୍ରାରମ୍ଭ ଉନ୍ନତି ସ୍ଥାପନା ଏବଂ ଉନ୍ନତୀକରଣ ଉପରେ ଅନଲାଇନ ପ୍ରଶିକ୍ଷଣ ରବିବାରରୁ ଆରମ୍ଭ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରିଜିଓନାଲ ଡାଇରେକ୍ଟର ଇଷ୍ଟର୍ନ ଜୋନ ନବୀନ କୁମାର ନାଇକ, ସମ୍ମାନିତ ଅତିଥି ଭାବେ ନେହେରୁ ଯୁବ କେନ୍ଦ୍ରର ରାଜ୍ୟ ନିର୍ଦ୍ଦେଶିକା ରିତା ଭଗତ୍, ନେହେରୁ ଯୁବ କେନ୍ଦ୍ରର ଉପନିର୍ଦ୍ଦେଶକ ବିମଳ ପାତ୍ରିକ ସା, ପ୍ରୋଜେକ୍ଟ ମ୍ୟାନେଜର ଦେବଜାନୀ ସାମନ୍ତରାୟ, ଅଙ୍କିତ ଜେଶୱାଲ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗଜପତି ଜିଲାର ୭ ବ୍ଲକର ପ୍ରାୟ ୩୫ ଜଣ ଯୁବତୀ ଓ ଯୁବକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବାଳକୃଷ୍ଣ ପଣ୍ଡା ପ୍ରଶିକ୍ଷକ ଓ ମଧୁବନ ପାଣ୍ଡେ ମାଷ୍ଟର ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯେ ଯୁବାମାନେ ବାଣିଜ୍ୟ ଉପରେ କିପରି ନିଜର ପନ୍ଥା ଅବଲମ୍ବନ କରିବେ ସେ ନେଇ ଯୋଜନାଗୁଡିକ ଆଗାମୀ ୭ ଦିନ ତାଲିମ ଶିବିରରେ ଆଲୋକପାତ କରିବେ। ଉକ୍ତ ପ୍ରଶିକ୍ଷଣଟି ଆସନ୍ତା ୨୮ ପର୍ଯ୍ୟନ୍ତ ଚାଲୁ ରହିବ। ଜିଲା ନେହେରୁ କେନ୍ଦ୍ରର ଅଧିକାରୀ ବିଜୟ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ବେଳେ ମୋହିନୀ ପ୍ରଧାନ ପ୍ରଶିକ୍ଷିକା ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଭେଣ୍ଡିଂ ଜୋନ, ସେଲ୍ଟି ପଏଣ୍ଟ ପାଇଁ ସ୍ଥାନ ଚିହ୍ନଟ

ଗଞ୍ଜାମ,୨୨।୮(ଡି.ଏନ.ଏ.)

ଗଞ୍ଜାମ ସହରରେ ଭେଣ୍ଡିଂ ଜୋନ ଓ ସେଲ୍ଟି ପଏଣ୍ଟ ନିର୍ମାଣ ନିମନ୍ତେ ଶନିବାର ସ୍ଥାନ ଚିହ୍ନଟ କରାଯାଇଛି। ସହର ସ୍ଥିତ ମାଛ ମାର୍କେଟ ନିକଟସ୍ଥ ହରିଜନ ସାହି ଛକ ନିକଟରୁ ପୁରୁଣା ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଦାମୋଦରପୁର ଛକ ପର୍ଯ୍ୟନ୍ତ ସରକାରୀ ଜାଗାକୁ ଚିହ୍ନଟ କରାଯାଇଛି। ପୂର୍ବରୁ ଉକ୍ତ ସରକାରୀ ଜାଗାରେ ମଇଁଷି ଗୁହାଳ ରହିଛି। ଉକ୍ତ ସ୍ଥାନରେ ନାଲି ବାନା ଲଗାଯାଇଛି। ଜାଗା ଚିହ୍ନଟ ସମୟରେ ଗଞ୍ଜାମ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରୋନିତ କୁମାର, କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ପଣ୍ଡା, ଗଞ୍ଜାମ ବିଜେଡି ଯୁବ ସଭାପତି ସୁଧିର କୁମାର ପାଢୀ, ଗଞ୍ଜାମ ଆରଆଇ ରବୀନ୍ଦ୍ର ପ୍ରଧାନ, ହୁମ୍ମା ଆରଆଇ ଅରବିନ୍ଦ ବେହେରା, ସାନିଟାଇଜର ଶୁସାନ୍ତ କୁମାର ବେହେରା, ଅମିନ ଶଙ୍କର ସାହୁ, ଗଞ୍ଜାମ ଏନ୍ଏସି କର୍ମଚାରୀ ଲକ୍ଷ୍ମୀ ପାଢ଼ୀ, ପଦ୍ମ ଚରଣ ସାହୁ, ଉତ୍ତମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପୋତି ହୋଇଛି ଡ୍ରେନ୍, ପଡ଼ିଆ ପାଲଟିଛି ଡମ୍ପିଂ ୟାର୍ଡ


ପୋତି ହୋଇଥିବା ଡ୍ରେନ୍।


ଜମି ରହିଥିବା କୁଢ କୁଢ ଅଳିଆ ଆବର୍ଜନା।

ବ୍ରହ୍ମପୁର ଅଫିସ,୨୨।୮

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସହରର ମୁଖ୍ୟ ରାସ୍ତାଠାରୁ ଆରମ୍ଭ କରି ବିଭିନ୍ନ ସାହିର ଡ୍ରେନ ମରାମତି କାର୍ଯ୍ୟ ଚାଲିଛି। ଇତିମଧ୍ୟରେ କେତେକ ନୂଆ ଓ ପୁରୁଣା ଡ୍ରେନ ନିର୍ମାଣ କାର୍ଯ୍ୟ ମଧ ସରିଛି। ହେଲେ ୨୫ ନଂ. ୱାର୍ଡ ନୀଳକଣ୍ଠ ନଗର ଦ୍ୱିତୀୟ ଲେନ୍‌ରେ ଡ୍ରେନ କାମ ହୋଇ ନ ଥିବାରୁ ବର୍ଷା ଜଳ ନିଷ୍କାସନ ହୋଇପାରୁନାହିଁ। ଗୋଟିଏ ସ୍ଥାନରେ ପାଣି ଜମି ରହୁଥିବାରୁ ମଶାମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ଉକ୍ତ ସାହି ରାସ୍ତାଟି ଅଣ ଓସାରିଆ। ତେଣୁ ଘର ପଛପାର୍ଶ୍ୱରେ ଡ୍ରେନ୍ ହୋଇଛି। ହେଲେ ଠିକ୍ ସମୟରେ ତାହା ସଫେଇ କରାଯାଉନାହିଁ। ଯଦ୍ୱାରା କୁଢ କୁଢ ଅଳିଆ ଆବର୍ଜନା ଜମି ରହୁଛି। ବର୍ଷା ହେଲେ ସାହି ରାସ୍ତାରେ ଅଳିଆ ଆବର୍ଜନା ଓ ଅପରିଷ୍କାର ପାଣି ଜମି ରହୁଛି। ଏପରିକି ଏହି ଅଞ୍ଚଳର ମୁଖ୍ୟ ରାସ୍ତାର ଗୋଟିଏ ପାର୍ଶ୍ୱରେ ଥିବା ଡ୍ରେନ ଦୀର୍ଘଦିନ ହେଲା ପୋତି ହୋଇରହିଛି। ଯାହାକି ବର୍ଷା ଜଳ ନିଷ୍କାସନ ହୋଇ ନ ପାରିବାର ଏକ କାରଣ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ବର୍ତ୍ତମାନ ଡେଙ୍ଗୁରୁ ବର୍ତ୍ତିବା ପାଇଁ ବିଏମ୍‌ସି ପକ୍ଷରୁ ବିଭିନ୍ନ ୱାର୍ଡରେ ପରିଷ୍କାର ଓ ପରିଚ୍ଛନ୍ନ ରଖିବାକୁ ଲୋକଙ୍କୁ ସଚେତନ କରାଯାଉଛି। କିନ୍ତୁ ଏହି ୱାର୍ଡରେ ବିଏମ୍‌ସି ସଫେଇ କର୍ମଚାରୀମାନେ ଏ ଦିଗରେ ଯତ୍ନବାନ ନ ଥିବା ଅଭିଯୋଗ ହୋଇଛି। ଏହି ଅଞ୍ଚଳର ଏକ ଖୋଲାପଡିଆକୁ ଡମ୍ପିଂ ୟାର୍ଡରେ ପରିଣତ କରାଯାଇଛି। ସ୍ଥାନୀୟ ଲୋକଙ୍କ ବାରଣ ସତ୍ତ୍ୱେ ସଫେଇ କର୍ମଚାରୀମାନେ କୁଢ଼ କୁଢ଼ ଅଳିଆ, ଆବର୍ଜନା ଆଣି ପକାଉଛନ୍ତି। ଆବର୍ଜନା ହଟାଇବା ପାଇଁ ବାରମ୍ବାର ଦାବି କରାଯାଉଥିଲେ ସୁଦ୍ଧା ସ୍ଥାନୀୟ ଲୋକ ପ୍ରତିନିଧି କିମ୍ବା ବିଏମ୍‌ସି କର୍ତ୍ତୃପକ୍ଷ କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି।

